# ଗ୍ରାମ ସ୍ୱରାଜ ଅଭିଯାନ

## ୧୪ ଅପ୍ରେଲ୍ ଠାରୁ ୫ ମେ ୨୦୧୮

### ଗତିବିଧିର ବିବରଣୀ

## ୧୪ ଏପ୍ରିଲ, ୨୦୧୮, ଆମ୍ବେଡକର ଜୟନ୍ତୀ (ମଣ୍ଡଳ ସ୍ତରରେ)

- ଏହି କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବ । ଭାରତ ରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରା ଯିବ ।
- ଦଳ ପକ୍ଷରୁ ସମସ୍ତ ମଣ୍ଡଳରେ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ସଂଯୋଜନା କରାଯିବ।
- କାର୍ଯ୍ୟକ୍ରମର ସଂପୂର୍ଣ୍ଣ ଖସଡ଼ା ଓ ଯୋଜନା ଏହା ସହିତ ସଂଲଗ୍ନ କରାଯାଇଛି।
- **ଏହି ଅବସରରେ ମାନନୀୟ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସିଧା ସମ୍ବୋଧିତ କରିବେ। ଏହାକୁ ଶୁଣିବାକୁ ପ୍ରବନ୍ଧନ କରିବେ।**

## ୧୮ ଏପ୍ରିଲ, ୨୦୧୮ ସ୍ୱଚ୍ଛ ଭାରତ ପର୍ବ (ମଣ୍ଡଳ ସ୍ତରରେ)

- ଏହି କାର୍ଯ୍ୟକ୍ରମ ପାନୀୟ ଜଳ ଓ ସ୍ୱଚ୍ଛତା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବ ।
- ଏହି ଦିନ ସମସ୍ତ ଗ୍ରାମ ପଂଚାୟତ ବିଶେଷ ଭାବେ ଖୋଲାର ମଳତ୍ୟାଗ ମୁକ୍ତ ହୋଇ ନ ଥିବା ପଂଚାୟତ ଗୁଡ଼ିକରେ ସ୍ୱଚ୍ଛତା ଆନ୍ଦୋଳନ ଚଳା ଯିବ । ଏହି ଗ୍ରାମ ପଂଚାୟତ ଗୁଡ଼ିକୁ ଖୋଲାରେ ମଳତ୍ୟାଗ ମୁକ୍ତ (ଓଡିଏଫ) ପଂଚାୟତରେ ପରିଣତ କରିବାକୁ ପ୍ରୟାସକୁ ତ୍ୱରିତ କରା ଯିବ । ଓଡିଏଫ ପ୍ଲସର ପ୍ରକ୍ରିୟାକୁ ଫାଷ୍ଟ ଟ୍ରାକ ଭାବେ ଚଳା ଯିବ ।
- ଜିଲ୍ଲା ପ୍ରଶାସନ ସ୍ୱୟଂ ବା ଗ୍ରାମ ପଂଚାୟତ ମାଧ୍ୟମରେ ନିମ୍ନ ଲିଖିତ ଗତିବିଧି ମାନ କରି ପାରିବେ ।
- ପ୍ରଗତି ଆଗକୁ ଆହୁରି ଆଗକୁ ର ରଣନୀତି ଉପରେ ଅପଡେଟ ପାଇଁ ଏସବିଏମଜିର ପ୍ରଗତିର ଉପ ଜିଲ୍ଲାଧିକାରୀ ସ୍ୱଚ୍ଛ ଭାରତ ଟିମ ସହ ସମୀକ୍ଷା ।
- ସ୍ୱଚ୍ଛତାର କାମ ସବୁଠୁ କମ ହୋଇଥିବା ଗ୍ରାମ ପଂଚାୟତକୁ ଗସ୍ତ କରା ଯାଇ ପାରେ ।
- ଗ୍ରାମାଂଚଳର ଲୋକ ମାନଙ୍କ ସହ ଗ୍ରାମ ପଂଚାୟତରେ ରାତ୍ରି ଚୌପାଲ କାର୍ଯ୍ୟକ୍ରମର ଆୟୋଜନ କରା ଯାଇ ପାରେ ।
- ଶୌଚାଳୟର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଘରେ ଘରେ ସ୍ୱଚ୍ଛତା ର୍ୟାଲୀର ଆୟୋଜନ କରାଯାଇ ପାରେ।
- ଖୋଲାରେ ଶୌଚ ପାଇଁ ଯାଉଥିବା ଲୋକ ମାନଙ୍କୁ ବୁଝାଇବା।
- ସ୍ଥାନୀୟ ପ୍ରସିଦ୍ଧ ଲୋକ ମାନଙ୍କର ସ୍ୱଚ୍ଛତା ସମ୍ପର୍କରେ ବାର୍ତ୍ତା ଏକତ୍ରିତ କରିବା।

## ୨୦ ଏପ୍ରିଲ, ୨୦୧୮ ଉଜ୍ଜ୍ୱଳା ପଂଚାୟତ (ବ୍ଲକ ସ୍ତରରେ)

- ଏହି କାର୍ଯ୍ୟକ୍ରମ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବ ।
- ଉଜ୍ଜ୍ୱଳା ଲାଭାର୍ଥୀ ମାନଙ୍କୁ ସ୍ୱଚ୍ଛ ଇନ୍ଧନର ବ୍ୟବହାର ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଲାଭ ବିଷୟରେ ସମ୍ବେଦନଶୀଳ କରିବା ପାଇଁ ପଂଚାୟତ ସ୍ତରରେ ଏଲପିଜି ପଂଚାୟତ ବୈଠକର ଆୟୋଜନ କରା ଯାଇ ପାରିବ ।
- ଉଜ୍ଜ୍ୱଳାର ବିସ୍ତାରିତ ଯୋଜନାର ହିତାଧିକାରୀ ମାନଙ୍କ ପାଇଁ KYC ଫର୍ମ ଏକତ୍ରିତ କରା ଯିବ ।
- ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ ମାନଙ୍କୁ / ବ୍ଲକ ସ୍ତରରେ ସମାରୋହରେ ଏଲପିଜି ଗ୍ୟାସ ସିଲିଣ୍ଡର ବିତରଣ କରା ଯିବ।

## ୨୪ ଏପ୍ରିଲ, ୨୦୧୮, ରାଷ୍ଟ୍ରୀୟ ପଂଚାୟତିରାଜ ଦିବସ (ପଞ୍ଚାୟତ ସ୍ତରରେ)

### ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ

- ଏହି ଦିନ ପଂଚାୟତିରାଜ ଦିବସ ସମାରୋହ ପାଳନ କରିବାକୁ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଇ-ପଞ୍ଚାୟତ ପୁରସ୍କାର, ପଞ୍ଚାୟତ ଗୁଡିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର, ସବୁଠାରୁ ଭଲ କାମ କରିଥିବା ଗ୍ରାମ ସଭାକୁ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମ ସଭା ଆଦି ପୁରସ୍କାର ପ୍ରଦାନ କରା ଯିବ।

### ପଞ୍ଚାୟତ ସ୍ତରରେ କାର୍ଯ୍ୟକ୍ରମ

- ସୁଶାସନ ମଡେଲ, ଭାରତ ସରକାରଙ୍କ ବିଭିନ୍ନ ଯୋଜନାକୁ ବିଭିନ୍ନ ଗ୍ରାମ ପଂଚାୟତର ପ୍ରମୁଖ ଭୂମିକା ପାଇଁ ସଫଳତାର କାହାଣୀ ସହିତ ପ୍ରଦର୍ଶନୀର ଆୟୋଜନ କରା ଯିବ ।
- **ପ୍ରଧାନମନ୍ତ୍ରୀ ସମସ୍ତ ଗ୍ରାମସଭାକୁ ସମ୍ବୋଧିତ କରିବେ । ଏହାର ସିଧାପ୍ରସାରଣ ଦୂରଦର୍ଶନ ଦ୍ୱାରା ହେବ । ଏହାକୁ ଶୁଣିବା ପାଇଁ ପ୍ରବନ୍ଧନ କରିବେ।**

## ୨୮ ଏପ୍ରିଲ୍, ୨୦୧୮, ଗ୍ରାମ ଶକ୍ତି ଦିବସ (ଜିଲ୍ଲା ସ୍ତରରେ)

- ଏହି କାର୍ଯ୍ୟକ୍ରମ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବ ।
- ଏହି ଦିନ ହିତାଧିକାରୀ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଯୋଜନାର ଅଧିକାର ପ୍ରଦାନ କରା ଯିବ । ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନା ଆଦିର ଅଧିକାର ପତ୍ର ପ୍ରଦାନ କରା ଯିବ । ବିଭିନ୍ନ ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମ ଗୁଡ଼ିକର ଆୟୋଜନ କରା ଯିବ ।
- ଜିଲ୍ଲା ସ୍ତରର କାର୍ଯ୍ୟକ୍ରମରେ ନିମ୍ନ ଲିଖିତ କାର୍ଯ୍ୟକ୍ରମ ମାନ ମଧ୍ୟ ଆୟୋଜିତ କରା ଯାଇ ପାରିବ।
  - ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ଓ ବିଭିନ୍ନ ସ୍ତରରେ ସର୍ବ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରଷ୍କାର।
  - ପଥପ୍ରାନ୍ତ ନାଟକ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି।
  - ସୌଭାଗ୍ୟ ଯୋଜନାରେ ପ୍ରତୀକାତ୍ମକ ଭାବେ ୧୦୦-୨୦୦ କନେକ୍ସନ ଜାରି କରା ଯାଇ ପାରିବ।

## ୩୦ ଏପ୍ରିଲ. ୨୦୧୮, ମୋଦିକେୟାର ହିତାଧିକାରୀ ଯୋଗ୍ୟ ସୂଚୀ ପ୍ରସ୍ତୁତି (ମଣ୍ଡଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମ

- ଏହି ଆୟୋଜନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କରାଯିବ ।
- ଏହି ଆୟୋଜନରେ ଚିକିତ୍ସା, ବୀମା ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ସୂଚନା ଗ୍ରାମ ପଂଚାୟତ ସ୍ତରର ବୈଠକରେ ଲାଭାର୍ଥୀ ମାନଙ୍କୁ ଦିଆ ଯିବ ।
- ପ୍ରତ୍ୟେକ ପରିବାର ପାଇଁ ଅତିରିକ୍ତ ସୂଚନା ଏକତ୍ର କରିବା ପାଇଁ ଏକ ଅଭିଯାନ ଆରମ୍ଭ କରା ଯିବ । ସ୍ୱାସ୍ଥ୍ୟ ସମ୍ପର୍କୀୟ ସୂଚନା ପ୍ରସାରିତ କରା ଯିବ ।

## ୨ ମଇ, ୨୦୧୮, କୃଷକ କଲ୍ୟାଣ କର୍ମଶାଳା ( ବ୍ଲକ ସ୍ତର)

- ଏହି କାର୍ଯ୍ୟକ୍ରମ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବ ।
- ଏହି ଦିନ ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟୁ ଦୁଇ ଗୁଣ କରିବାକୁ ପ୍ରୟାସ ସମ୍ପର୍କୀୟ ସୂଚନା ପ୍ରସାର କରିବା ପାଇଁ ବ୍ଲକ ସ୍ତରରେ ସଚେତନତା ଅଭିଯାନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।
- ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବ।
- ଚାଷୀ ପ୍ରଧାନ ଗ୍ରାମ ମାନଙ୍କରେ ଚାଷୀ ସଚେତନତା ମେଳା ସଂଗଠିତ ହେବ।

## ୫ ମଇ, ୨୦୧୮ ଜୀବନ ଜୀବିକା ଏବଂ କୌଶଳ ବିକାଶ ଯୋଜନା (ଜିଲ୍ଲା ଓ ବ୍ଲକ ସ୍ତରରେ)

- ଏନଆରଏଲଏମ, ଡିଡିୟୁ-ଜିକେୱାଇ (ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ) ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ଏହା କରା ଯିବ।
- ରାଷ୍ଟ୍ରୀୟ, ରାଜ୍ୟ ଓ ଜିଲ୍ଲା/ ବ୍ଲକ ସ୍ତରରେ **ଜୀବନ ଜୀବିକା ଦିବସ ପାଳନ** କରା ଯିବ।

## ରାଜ୍ୟ ସ୍ତରରେ

- ସମସ୍ତ ରାଜ୍ୟରେ ଅଡିଓ, ପ୍ରିଂଟ ମିଡିଆ ଓ ପାରମ୍ପାରିକ ଓ ଅନ୍ୟ କଳା ମାଧ୍ୟମରେ, ଯେ ପର୍ଯ୍ୟ' ସମ୍ଭବ ଆଜୀବିକା ଦିବସ ଓ ଗ୍ରାମ ସ୍ୱରାଜ ଅଭିଯାନର ଗତିବିଧିକୁ ଉପରେ କାମ କରିବେ।
- ସମସ୍ତ ରାଜ୍ୟ ବିଷୟ ବିଶେଷଜ୍ଞଙ୍କୁ ସାଥିରେ ନେଇ ପ୍ୟାନେଲ ଚର୍ଚା ସମ୍ମିଳନୀ ଆଦି ଆୟୋଜିତ କରି ଏହି ଦିବସକୁ ପାଳନ କରିବେ।
- ଜୀବନ ଜୀବିକା, ଉଦ୍ୟମିତା, ଦକ୍ଷତା, ସାମାଜିକ ବିକାଶ ଆଦି ବିଷୟରେ ଆଲୋଚନା ସହିତ ମହିଳା ସଶକ୍ତିକରଣ ଉପରେ ଆଲୋଚନା ହେବ।
- ସହଭାଗୀ ମାନଙ୍କ ମଧ୍ୟରେ ବ୍ୟାଙ୍କର୍ସ, ପିଆଇଏ, ଏସଏଚଜିର ମହିଳା ମାନେ ସାମିଲ ହେବେ।
- ଜବ ଅଫର ପତ୍ର ବିତରିତ କରା ଯିବ। ଆରଏସଇଟିଆଇ ବଜାରର ମଧ୍ୟ ଆୟୋଜନ କରା ଯିବ।
- ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ବ୍ୟାଙ୍କର୍ସ ଓ ପିଆଇଏ ପାଇଁ ପୁରସ୍କାର।
- **ପ୍ରଧାନମନ୍ତ୍ରୀଙ୍କ ଭାଷଣର ସିଧା ପ୍ରସାରଣ।**
- ଏହାକୁ ପ୍ରତ୍ୟେକ ମଣ୍ଡଳ ସ୍ତରରେ ଶୁଣିବାର ପ୍ରବନ୍ଧନ କରିବେ।
- ଅଧା ଦିନର କାର୍ଯ୍ୟକ୍ରମ।

## ଜିଲ୍ଲା /ବ୍ଲକ ସ୍ତର

- ବ୍ଲକ ସ୍ତରରେ କାର୍ଯ୍ୟକ୍ରମରେ ୫୦୦ ଲୋକ ରହିବା ଓ ଜିଲ୍ଲା ସ୍ତରର କାର୍ଯ୍ୟକ୍ରମରେ ୧୫ ଶହ ଲୋକ ରହିବା ଆବଶ୍ୟକ।

  ଏଥିରେ ନିମ୍ନ ଲିଖିତ ଲୋକ ମାନେ ସାମିଲ ହୋଇ ପାରିବେ।
  - ଏଥିରେ ଏସଏଚଜି ମହିଳା, ଡିଡିୟୁ- ଜିକେୱାଇ, ଦକ୍ଷତା ବିକାଶ ମନ୍ତ୍ରଣାଳୟର ବ୍ୟକ୍ତିବିଶେଷ
  - ବିଭିନ୍ନ ସରକାରୀ ବିଭାଗର ଅଧିକାରୀ
  - ସ୍ଥାନୀୟ ପ୍ରଶାସନିକ ଓ ରାଜନୈତିକ ନେତୃତ୍ୱ
  - ବ୍ୟାଙ୍କର୍ସ ଓ ଏନଜିଓକର୍ମୀ
- **ମାନନୀୟ ପ୍ରଧାନମନ୍ତ୍ରୀଙ୍କର ବାର୍ତ୍ତା ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରସାରିତ କରା ଯିବ।**
- ପ୍ରଭାତଫେରି, ମହିଳା ମାନଙ୍କର ସଫଳତା କାହାଣୀର ପ୍ରସ୍ତୁତି ଆଦି ଏଥିରେ ସାମିଲ ରହିବ।
- ଦକ୍ଷତା ପଞ୍ଜୀକରଣ ପାଇଁ ପଞ୍ଜୀକରଣ କାଉଣ୍ଟର।
- ସାଂସ୍କୃତିକ କାର୍ଯ୍ୟକ୍ରମ।
- ପ୍ରଚାର ପାଇଁ ଫ୍ଲାଗ୍ ଅଫ ସ୍କିଲ ଭ୍ୟାନ।
- ସମସ୍ତ ରାଜ୍ୟ ଆୟୋଜନର ଉପଯୁକ୍ତ ଡକୁମେଂଟେସନ କରିବେ। ଏଥିରେ କରା ଯାଇଥିବା କାମର ବିବରଣୀ, ଅଂଶଗ୍ରହଣକାରୀଙ୍କ ସଂଖ୍ୟା, ମିଡିଆ କଭରେଜ ଓ ଫଟୋ ସାମିଲ ରହିବ। ୨୫ ମଇ ୨୦୧୮ ଯାଏ ଚୂଡାନ୍ତ ରିପୋର୍ଟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟକୁ ପ୍ରଦାନ କରା ଯିବ।

***